**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**7 March – 2026**

# ଅମିତ ଶାହା

ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଗତକାଲି ଓଡ଼ିଶା ଗସ୍ତ ଅବସରରେ ରାଜ୍ୟରେ ୩ହଜାର ୨୭୫କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ବିକାଶମୂଳକ ପ୍ରକଳ୍ପକୁ ଦୃଷ୍ଟିରେ ରଖି ୬ଟି ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସମବାୟ ନୀତି ୨୦୨୬ର କାର୍ଯ୍ୟକାରୀତାକୁ ଶ୍ରୀ ଶାହା ଶୁଭାରମ୍ଭ କରିଛନ୍ତି । ଏହି ନୂତନ ନୀତି ଜାତୀୟ ନୀତିର ଦୃଷ୍ଟିକୋଣ ଆଧାରରେ ପ୍ରସ୍ତୁତ କରାଯାଇଛି । ସହକାରୀତା ସେ ସମୃଦ୍ଧି ଆଧାରରେ ୨୦୩୬ ସମୃଦ୍ଧ ଓଡ଼ିଶା ଗଠନରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ଶ୍ରୀ ଶାହା ଆଶାବ୍ୟକ୍ତ କରିଛନ୍ତି ।

# ଭ୍ରାମ୍ୟମାଣ ଫୋରେନ୍ସିକ୍ ଭ୍ୟାନ୍

ରାଜ୍ୟରେ ତଦନ୍ତ ପ୍ରକ୍ରିୟାକୁ ଅଧିକ ସଶକ୍ତ କରିବା ଏବଂ ଘଟଣାସ୍ଥଳରୁ ସମୟୋପଯୋଗୀ ପ୍ରମାଣ ସଂଗ୍ରହ ସୁନିଶ୍ଚିତ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ରାଜ୍ୟପାଇଁ ୩୬ଟି ଭ୍ରାମ୍ୟମାଣ ଫୋରେନ୍ସିକ୍ ଭ୍ୟାନ୍ ଅନୁମୋଦନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୧୫ଟି ଭ୍ରାମ୍ୟମାଣ ଭ୍ୟାନ୍ ଗତକାଲି କାର୍ଯ୍ୟ ଆରମ୍ଭ କରିଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତି

ପରିଡ଼ା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି । ପ୍ରତ୍ୟେକ ଭ୍ୟାନ୍‌ରେ ଆଧୁନିକ ଫରେନ୍ସିକ୍ କିଟ୍‌ସ ଏବଂ ଉନ୍ନତ ବୈଜ୍ଞାନିକ ଉପକରଣ ଉପଲବ୍ଧ ରହିଛି ।

# ଭଡ଼ା ଆଦାୟ

ବସ୍ ଯାତ୍ରୀଙ୍କଠାରୁ ଧାର୍ଯ୍ୟ ସୀମାଠାରୁ ଅଧିକ ଭଡ଼ା ଆଦାୟ କ୍ଷେତ୍ରରେ ସରକାର କଡ଼ା ପଦକ୍ଷେପ ଗ୍ରହଣ କରୁଛନ୍ତି । ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ଗତକାଲିଠାରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମ ଦିନରେ ଗତକାଲି କଟକ ଆର୍‌ପିଓଙ୍କ ଏନ୍‌ଫୋର୍ସମେଣ୍ଟ ଟିମ୍ ଅତ୍ୟଧିକ ଭଡ଼ା ଆଦାୟ ନେଇ  ୫ଟି ବସ୍ ବିରୁଦ୍ଧରେ ୧୦ ହଜାର ଟଙ୍କା ଲେଖାଏଁ ଜୋରିମାନା ଲାଗୁ କରିଛନ୍ତି । ଉଭୟ ଅଫ୍‌ଲାଇନ ଏବଂ ଅନ୍‌ଲାଇନ ଟିକଟ ବିକ୍ରି କ୍ଷେତ୍ରରେ ଏହା ଲାଗୁ ହୋଇଥିବା ପରିବହନ ବିଭାଗ ସୂଚନା ଦେଇଛି ।

# ସମୀକ୍ଷା ବୈଠକ

ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍‌ର ସମୀକ୍ଷା ବୈଠକ ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଶୋଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଓସିସିଏଲ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ନିଗମ ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକଳ୍ପର ସ୍ଥିତି ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଛି ।

# ଜନଶୁଣାଣି

ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ସହଯୋଗରେ ଗତକାଲି ଭୁବନେଶ୍ୱର ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଭାଗୃହଠାରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୪୫ଟି ଅଭିଯୋଗର ସମାଧାନ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି । ଅନ୍ୟ ଅଭିଯୋଗ ଗୁଡ଼ିକର ରିପୋର୍ଟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ମଗାଯାଇଥିବା ଜଣାପଡିଛି । ଏହି କାର୍ଯ୍ୟକ୍ରମରେ ମୋଟ୍ ୬ଟି ନୂତନ ମାମଲାର ମଧ୍ୟ ପଞ୍ଜିକରଣ ହୋଇଛି ।

# ଜନଔଷଧୀ ଦିବସ

ସ୍ୱାସ୍ଥ୍ୟସେବାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ କେନ୍ଦ୍ର ସରକାର ସୁଲଭ ମୂଲ୍ୟରେ ଔଷଧ ଯୋଗାଇ ଦେଉଛନ୍ତି । ଏ ସଂପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଜନଔଷଧୀ ଦିବସ ପାଳନ କରାଯାଉଛି । ୨୦୦୮ମସିହା ନଭେମ୍ବର ମାସରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା ଆରମ୍ଭ କରାଯାଇଥିଲା । ଔଷଧର ବଜାର ଦରଠାରୁ ୫୦ରୁ ୮୦ ପ୍ରତିଶତ କମ୍ ମୂଲ୍ୟରେ ଦେଶରେ ଜନଔଷଧୀ କେନ୍ଦ୍ରଗୁଡ଼ିକ ଜରିଆରେ ଔଷଧ ଯୋଗାଇ ଦିଆଯାଉଛି ।

# ସିଙ୍ଗଲ ଓ୍ୱିଣ୍ଡୋ ବୈଠକ

ନୂଆପଡା ଜିଲ୍ଲାରେ ଜିଲ୍ଲାସ୍ତରୀୟ ସିଙ୍ଗଲ ଓ୍ୱିଣ୍ଡୋ କମିଟି ବୈଠକରେ ୨୪ଲକ୍ଷ ୫୪ହଜାର ୫୫୦ଟଙ୍କାର ବିଭିନ୍ନ ପ୍ରକଳ୍ପ ପ୍ରସ୍ତାବ ଅନୁମୋଦିତ ହୋଇଛି । ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି

ବୈଠକରେ ଶିଳ୍ପ ବିକାଶ ଏବଂ ନିବେଶ କ୍ଷେତ୍ରରେ ସହଜତା ନେଇ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ମାଧ୍ୟମରେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି ।

## ବୈଠକ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ କୃଷିବିଜ୍ଞାନ କେନ୍ଦ୍ରପରିସରରେ ପଞ୍ଚଦଶ ବୈଜ୍ଞାନିକ ପରାମର୍ଶ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନଜିତ୍ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାରେ କୃଷି ବିକାଶ ଏବଂ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ନେଇ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ହୋଇଛି ।

## ତାଲିମ କାର୍ଯ୍ୟକ୍ରମ

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ନିରନ୍ତର ବିକାଶ ଲକ୍ଷ୍ୟ ଆଧାରିତ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଦାରିଦ୍ର୍ୟ ଏବଂ କ୍ଷୁଧାମୁକ୍ତ ତଥା ସୁସ୍ଥ ଓ ନିରାମୟ ଜୀବନ, ଗୁଣାତ୍ମକ ଶିକ୍ଷା, ଉତ୍ପାଦନ ବୃଦ୍ଧି, ଜଳବାୟୁ ଭିତ୍ତିକ କାର୍ଯ୍ୟପନ୍ଥା ଆଦି ବିଭିନ୍ନ କ୍ଷେତ୍ରରେ ପାରସ୍ପରିକ ସହଭାଗିତା ନେଇ ତାଲିମ ପ୍ରଦାନ କରାଯାଇଛି ।

# ମହିଳା ଦିବସ

ସୁବର୍ଣ୍ଣପୁରରେ ଗତକାଲିଠାରୁ ୩ଦିନିଆ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଗତକାଲି ପ୍ରଥମ ଦିବସରେ ନୂଆ ଟାଉନ୍‌ହଲଠାରେ ଯୋଗଶିକ୍ଷା ଅନୁଷ୍ଠିତ ହୋଇଛି । ଆଜି ଆତ୍ମସୁରକ୍ଷା କୌଶଳ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

ମାଲକାନଗିରି ଜିଲ୍ଲାରେ ମଧ୍ୟ ତ୍ରିଦିବସୀୟ କାର୍ଯ୍ୟକ୍ରମର ଗତକାଲି ପ୍ରଥମ ଦିନରେ ମହିଳାଙ୍କ ଶାରିରୀକ ତଥା ମାନସିକ ସୁସ୍ଥତାକୁ ଦୃଷ୍ଟିରେ ରଖି ଶକ୍ତିସ୍ୱରୂପିଣୀ ଯୋଗ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି ।

# ସଚେତନତା ବୈଠକ

କନ୍ଧମାଳ ଜିଲ୍ଲାରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ସମ୍ଭାବ୍ୟ ଅଂଶୁଘାତର ମୁକାବିଲା ତଥା ଅନ୍ୟାନ୍ୟ ସୁବିଧାସୁଯୋଗ ଉପଲବ୍ଧ କରାଯିବା ନେଇ ବିସ୍ତୃତ ଆଲୋଚନା କରାଯାଇଛି ।

# ରଗ୍‌ବୀ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆଜିଠାରୁ ଜାତୀୟ ରଗ୍‌ବି ପ୍ରଥମ ଡିଭିଜନ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ । ଭାରତୀୟ ରଗ୍‌ବୀ ଫୁଟବଲ ସଂଘ,

ଓଡ଼ିଶା ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ରଗ୍‌ବୀ ଫୁଟବଲ ୟୁନିୟନର ମିଳିତ ସହଯୋଗରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତ୍ୟେକ ଦଳରେ ୧୫ଜଣ ଖେଳାଳି ରହିବେ । ପୁରୁଷବର୍ଗରେ ୧୦ଟି ଏବଂ ମହିଳା ବର୍ଗରେ ୬ଟି ଦଳ ଅଂଶଗ୍ରହଣ କରୁଛନ୍ତି ।